# NATIONAL NEWS BULLETIN (ODIA)

**14 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡର'ର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

- ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ

- ମହାବିଷୁବ ସଂକ୍ରାନ୍ତି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

- ପାରମ୍ପରିକ ରୀତିନୀତି ଅନୁଯାୟୀ ଆଜି ପାଳନ କରାଯାଉଛି ଓଡ଼ିଆ ନବବର୍ଷ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଚେନ୍ନାଇ ସୁପରକିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍

# ପିଏମ୍‌-ଦିଲ୍ଲୀ- ଡେରାଡୁନ୍ ଇକୋନୋମିକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ସାହାରନପୁରରେ ଏକ ରୋଡ୍ ଶୋ’ କରୁଛନ୍ତି। କିଛି ସମୟ ପରେ ଶ୍ରୀ ମୋଦୀ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡରକୁ ଡେରାଡୁନ୍‌ରେ ଉଦ୍‌ଘାଟନ କରିବେ। ଏଥିସହିତ ପ୍ରଧାନମନ୍ତ୍ରୀ ତେହେରୀଠାରେ ଦେଶର ପ୍ରଥମ ପରିବର୍ତ୍ତନଶୀଳ ଦ୍ରୁତଗତି ସମ୍ପନ୍ନ ଷ୍ଟୋରେଜ୍ ପ୍ଲାଣ୍ଟର ଉଦ୍‌ଘାଟନ କରିବେ। ଏହା ୧ ହଜାର ମେଗାୱାଟ୍ କ୍ଷମତା ବିଶିଷ୍ଟ ହୋଇଥିବା ଜଣାପଡ଼ିଛି।  ଦିଲ୍ଲୀ–ଡେରାଡୁନ ଅର୍ଥନୈତିକ କରିଡର ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶକୁ ଆହୁରି ଦୃଢ଼ କରିବା ସହିତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଏବଂ ଅର୍ଥନୈତିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଯୋଗାଯୋଗ ସ୍ଥାପନ ସହ ସମ୍ପୃକ୍ତ ଅଞ୍ଚଳରେ ବାଣିଜ୍ୟ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡର ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ଦେଇ ଗତି କରୁଥିବାରୁ ଦିଲ୍ଲୀ ଏବଂ ଡେରାଡୁନ୍ ମଧ୍ୟରେ ଗମନାଗମନ ସମୟ ୬ ଘଣ୍ଟାରୁ ଅଧିକ ହ୍ରାସ ପାଇ ଅଢ଼େଇ ଘଣ୍ଟା ହେବ ବୋଲି କୁହାଯାଇଛି।

ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବାରେ କରିଡ଼ରରେ ଉନ୍ନତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

ପରିବେଶଗତ ସମ୍ବେଦନଶୀଳତା, ଜୈବ ବିବିଧତା ଏବଂ ବନ୍ୟପ୍ରାଣୀଙ୍କୁ ଦୃଷ୍ଟିରେ ରଖି ଉଭୟ ମଣିଷ ଓ ପଶୁ ମୁକାବିଲାକୁ ହ୍ରାସ

କରିବା ଲକ୍ଷ୍ୟ ନେଇ ଏହି କରିଡ଼ରକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ବନ୍ୟପ୍ରାଣୀଙ୍କ ମୁକ୍ତ ଗତିବିଧିକୁ ଏହା ସୁନିଶ୍ଚିତ କରିବ । ଏଥିରେ ୧୨ କିଲୋମିଟର ଦୀର୍ଘ ବନ୍ୟପ୍ରାଣୀ ଉଚ୍ଚ କରିଡ଼ର ରହିଛି, ଯାହାକି ଏସିଆର ସବୁଠାରୁ ଦୀର୍ଘ ପଥ ମଧ୍ୟରୁ ଗୋଟିଏ । ୮ଟି ବନ୍ୟପ୍ରାଣୀଙ୍କ ଯାତାୟାତ ସ୍ଥାନ, ୨୦୦ ମିଟରର ଦୁଇଟି ଭୂତଳ ହାତୀ ଚଲାପଥ ଏବଂ ଦାଟ୍‌କାଳୀ ମନ୍ଦିର ନିକଟରେ ୩୭୦ ମିଟର ଲମ୍ୱ ଏକ ସୁଡ଼ଙ୍ଗ ରହିଛି ।

# ଆମ୍ବେଦକର ଜୟନ୍ତୀ- ଟ୍ରିବ୍ୟୁଟ୍‌ସ

ସମ୍ବିଧାନ ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ଆଜି ୧୩୬ତମ ଜୟନ୍ତୀ ଅବସରରେ ଦେଶବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’  ଗୁଜରାଟର ଗାନ୍ଧୀନଗରସ୍ଥିତ ଲୋକ ଭବନରେ ବାବାସାହେବ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ  ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ସଂସଦ ପରିସରରେ ଥିବା ‘ପ୍ରେରଣା ସ୍ଥଳ’ଠାରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ, କେନ୍ଦ୍ର ମନ୍ତ୍ରୀଗଣ ଏବଂ ସାଂସଦମାନେ ମଧ୍ୟ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ପ୍ରେଜ୍-ଭିପି ୱିସେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି  ବୈଶାଖୀ, ବିଷୁ, ବିଷୁବ, ବୋହାଗ ବିହୁ, ପହଲି ବୈଶାଖ, ମେଷାଦି, ବୈଶାଖାଦି ଏବଂ ପୁଥାଣ୍ଡୁର ଶୁଭ ଅବସରରେ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଅମଳ ଋତୁକୁ ସ୍ମରଣୀୟ କରିବା ପାଇଁ ସାରା ଦେଶରେ ଏହି ପର୍ବଗୁଡ଼ିକୁ ବିଭିନ୍ନ ରୂପରେ ପାଳନ କରାଯାଏ। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଏହି ପର୍ବ ମାଧ୍ୟମରେ ନାଗରିକମାନେ ଧରିତ୍ରୀ ମାତା ଏବଂ ଅନ୍ନଦାତା ଚାଷୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥାନ୍ତି।  ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, କୃଷି ପରମ୍ପରା ଏବଂ ଏକତା ଏହି ପର୍ବ ପାଳନ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ। ଏହି ସବୁ ପର୍ବ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେଉ ଏବଂ ଦେଶ ତଥା ସମାଜର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରଖିବାକୁ ଦେଶବାସୀଙ୍କୁ ଅନୁପ୍ରାଣିତ କରୁ ବୋଲି ରାଷ୍ଟ୍ରପତି ମୁର୍ମୁ କାମନା କରିଛନ୍ତି।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ଏହି  ପର୍ବଗୁଡ଼ିକ ଦେଶର ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରିବା ସହିତ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରକଟ କରେ। ଏହି ସବୁ ଅବସର ନୂତନ ଶୁଭାରମ୍ଭ, ଅମଳର ଆନନ୍ଦ ଏବଂ ମଣିଷ, ପ୍ରକୃତି ଓ ପରମ୍ପରା ମଧ୍ୟରେ ଥିବା ଅବିଚ୍ଛେଦ୍ୟ ବନ୍ଧନର ପ୍ରତୀକ। ଏହି ପର୍ବଗୁଡ଼ିକ ପ୍ରତ୍ୟେକ

ନାଗରିକଙ୍କ ଜୀବନରେ ସଦଭାବନା, ସମୃଦ୍ଧି ଏବଂ ନୂତନ ଆଶା ସଞ୍ଚାର କରୁ ବୋଲି ଉପରାଷ୍ଟ୍ରପତି ଶୁଭେଚ୍ଛା ଜଣାଇଛନ୍ତି।

ଗୃହମନ୍ତ୍ରୀ ଅମିତ ଶାହା ଆନନ୍ଦର ପର୍ବ 'ବୈଶାଖୀ' ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଏହି ପର୍ବ ହେଉଛି କ୍ଷେତରେ ପରିଶ୍ରମ କରୁଥିବା ଦେଶର ଚାଷୀମାନଙ୍କ ପାଇଁ ସମୃଦ୍ଧି ଏବଂ ନୂତନ ଅମଳର ଆନନ୍ଦର ପ୍ରତୀକ।

ସେହିପରି ଆଜି ଖାଲସା ପନ୍ଥର ପ୍ରତିଷ୍ଠା ଦିବସ ଅବସରରେ ଅଭିନନ୍ଦନ ଜଣାଇ ଶ୍ରୀ ଶାହା କହିଛନ୍ତି, ଏହି ଦିନଟି ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଦ୍ୱାରା ଖାଲସା ପନ୍ଥର ସୃଷ୍ଟି ବିଷୟରେ ସମସ୍ତଙ୍କୁ ମନେ ପକାଇଦିଏ। ସେ କହିଛନ୍ତି ଏହି ପବିତ୍ର ଅବସର ସମସ୍ତଙ୍କୁ ନିର୍ଭୀକତା, ସତ୍ୟ ଏବଂ ନ୍ୟାୟ ମାର୍ଗରେ ଚାଲିବା ପାଇଁ ଅନୁପ୍ରାଣିତ କରେ।

## ପିଏମ୍-ପୁଥାଣ୍ଡୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉପରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନଙ୍କୁ ଭେଟି ତାମିଲ ନବବର୍ଷ 'ପୁଥାଣ୍ଡୁ' ଓ 'ବୈଶାଖୀ' ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି ଯେ, ତାମିଲ 'ପୁଥାଣ୍ଡୁ' କିପରି ପୂର୍ବପୁରୁଷଙ୍କ ଜ୍ଞାନକୁ ପ୍ରଦର୍ଶିତ କରେ ଏବଂ ପରମ୍ପରା, ପରିବାର, ଆଧ୍ୟାତ୍ମିକତା ଓ ଏକ ଶୃଙ୍ଖଳିତ ଜୀବନଶୈଳୀକୁ ଏକାଠି କରେ, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ସେ କହିଛନ୍ତି, ସମଗ୍ର ଦେଶରେ ଏକାସଙ୍ଗେ ପାଳିତ ହେଉଥିବା ଏହି ନବବର୍ଷ

ଉତ୍ସବଗୁଡ଼ିକ ଆମକୁ ସାଂସ୍କୃତିକ ସମୃଦ୍ଧତା ଏବଂ ବିବିଧତା ବିଷୟରେ ମନେ ପକାଇଦିଏ, ଯାହା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରତିଫଳିତ କରିଥାଏ। ଉଭୟ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଏକ ସୁଖଦ ଓ ସୁନ୍ଦର ବର୍ଷ ପାଇଁ ଶୁଭକାମନା ଜଣାଇଛନ୍ତି।

## ଓଡ଼ିଶା ଫେଷ୍ଟିଭାଲ

ପଣାସଂକ୍ରାନ୍ତି ଅବସରରେ ଆଜି ଓଡ଼ିଶାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଓଡ଼ିଆ ନବବର୍ଷ ପାଳନ କରାଯାଉଛି। ପଣାସଂକ୍ରାନ୍ତିକୁ ମଧ୍ୟ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ବସନ୍ତ ଋତୁ ଶେଷ ହୋଇ ଆଜିଠାରୁ ଗ୍ରୀଷ୍ମଋତୁ ଆରମ୍ଭ ହେଉଛି । ଆଜିଠାରୁ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସହ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ରାଜ୍ୟବାସୀ ଏହି ଦିବସକୁ ଅତି ନିଷ୍ଠାର ସହ ପାଳନ କରୁଛନ୍ତି। ବିଷୁବ ସଂକ୍ରାନ୍ତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଥିବା ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଆଜି ଉଦ୍‌ଯାପନ ହେଉଛି। ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ । ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଉଛି। ଶ୍ରଦ୍ଧାଳୁମାନେ ଆଜି ସକାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି।

# ପିଏମ-ଓ୍ୱିମେନ୍ ରିଜରଭେସନ୍

ମହିଳାମାନେ ଯେତେବେଳେ ନୀତି ନିର୍ଦ୍ଧାରଣ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକାରୀ ହୁଅନ୍ତି, ସେତେବେଳେ ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନର ଯାତ୍ରା ଅଧିକ ସୁଦୃଢ଼ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ଭାରତର ନାରୀ ଶକ୍ତିଙ୍କ ଉଦ୍ଦେଶ୍ୟରେ ଲିଖିତ ପତ୍ରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ଦୁଇ ଦିନ ମଧ୍ୟରେ ଅର୍ଥାତ୍ ଏପ୍ରିଲ୍ ୧୬ ତାରିଖରେ, 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂଶୋଧନ ଉପରେ ଆଲୋଚନା ଓ ଏହାକୁ ପାରିତ କରିବା ପାଇଁ ସଂସଦ ପୁନର୍ବାର ମିଳିତ ହେବ। ବିକଶିତ ଭାରତ ଗଠନରେ ଅବଦାନ ରଖିବା ପାଇଁ ଏକ ସୁଦୃଢ଼ ସୁଯୋଗ ପାଇଥିବାରୁ ସମଗ୍ର ଦେଶର ମହିଳାମାନେ ନିଜର ଖୁସି ବ୍ୟକ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯଦି ୨୦୨୯ ଲୋକସଭା ନିର୍ବାଚନ ଏବଂ ବିଭିନ୍ନ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ ଭାବେ ମହିଳା ସଂରକ୍ଷଣ ସହିତ ଅନୁଷ୍ଠିତ ହୁଏ, ତେବେ ଦେଶର ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ଏବଂ ଜୀବନ୍ତ ହେବ। ଏହି ଆଇନ ପାରିତ କରିବାରେ ଆଉ ବିଳମ୍ବ ହେଲେ ତାହା ଦୁର୍ଭାଗ୍ୟଜନକ ଏବଂ ଦେଶର ମହିଳାମାନଙ୍କ ପ୍ରତି ଘୋର ଅନ୍ୟାୟ ହେବ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଦେଶର ବିଧାନସଭାରେ ମହିଳାମାନଙ୍କ ସ୍ୱର ଶକ୍ତିଶାଳୀ ହୋଇଥାଏ, ସେତେବେଳେ ଗଣତନ୍ତ୍ରର ସ୍ୱର ମଧ୍ୟ ଶକ୍ତିଶାଳୀ ହୋଇଥାଏ। ଯଥାଶୀଘ୍ର ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକରେ ମହିଳାମାନଙ୍କ ପ୍ରତିନିଧିତ୍ୱ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ ହେବା ଦିଗରେ

ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କିପରି ଆତ୍ମନିର୍ଭରଶୀଳତା ହାସଲ କରାଯାଇପାରିବ ଏବଂ ଅନ୍ୟ ମହିଳାମାନଙ୍କୁ ସଶକ୍ତ କରାଯାଇପାରିବ' ତାହା ତୃଣମୂଳ ସ୍ତରରେ ଅଗଣିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ 'ଲକ୍ଷପତି ଦିଦି'ମାନେ କରି ଦେଖାଇଛନ୍ତି । ଏକବିଂଶ ଶତାବ୍ଦୀରେ ମାନବଜାତିର ପ୍ରଗତିକୁ ବିଜ୍ଞାନ ଏବଂ ନବସୃଜନ ମାର୍ଗଦର୍ଶନ କରୁଛି । ଏଥିରେ ମହିଳାମାନଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଡବ୍ଲ୍ୟୁବି– କ୍ୟାଣ୍ଡିଡେଟ୍ସ

ଚଳିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ୨ ହଜାର ୯୨୬ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି । ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଚଳିତ ମାସ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟ ଏବଂ ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ପ୍ରଥମ ପର୍ଯ୍ୟାୟ ଲାଗି ପ୍ରାର୍ଥପୀତ୍ର ପ୍ରତ୍ୟାହାର ପରେ ୧ ହଜାର ୪୭୮ ଜଣଙ୍କ ନାମାଙ୍କନ କାଏମ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲାଗି ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ବୈଧ ରହିଛି । ନିର୍ବାଚନ ଆୟୋଗ କହିଛନ୍ତି, ଇ.ସି.ଆଇ ନେଟ୍ ମୋବାଇଲ୍ ଆପ୍ଲିକେଶନ ଜରିଆରେ ନାଗରିକମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧିକ କାର୍ଯ୍ୟକଳାପ, ସମ୍ପତ୍ତି ପରିମାଣ ଏବଂ ସତ୍ୟପାଠ ଦେଖିପାରିବେ ।

# ଅଷ୍ଟ୍ରିଆ-ଚାନ୍ସେଲର

ଅଷ୍ଟ୍ରିଆର ଚାନ୍ସେଲର ଡକ୍ଟର କ୍ରିଷ୍ଟିଆନ୍ ଷ୍ଟକର ଆଜିଠାରୁ ଚାରିଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଭାରତ ଆସିବେ। ପ୍ରତିନିଧି ଦଳରେ ଅଷ୍ଟ୍ରିଆର ଅର୍ଥନୈତିକ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବ୍ୟବସାୟିକ ନେତୃବୃନ୍ଦ ରହିଛନ୍ତି। ଚାନ୍ସେଲର ଡକ୍ଟର ଷ୍ଟକରଙ୍କ ଏହା ପ୍ରଥମ ଭାରତ ଗସ୍ତ।

ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଡକ୍ଟର ଷ୍ଟକର ଦ୍ୱିପକ୍ଷୀୟ ସମ୍ପର୍କ ଦୃଢ଼ କରିବା ସମେତ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ଆଲୋଚନା କରିବେ। ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟା ସମେତ ବିଭିନ୍ନ ପ୍ରସଙ୍ଗରେ ମତବିନିମୟ କରିବେ। ଡକ୍ଟର ଷ୍ଟକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ  ଆଜି ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗତକାଲି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୫୭ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି।